# ରେଭେନ୍ସାରେ ଆରମ୍ଭହେଲା ଜାତୀୟ ୱେବ୍‌ନାର ସିରିଜ୍

**ଭୁବନେଶ୍ୱର, ୨୯/୬/ଏନ୍ଏନ୍ଏସ୍:** ‘କରୋନା ମହାମାରୀ ସମୟରେ ମିଡିଆ’ ବିଷୟ ଉପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜାତୀୟ ୱେବ୍‌ନାର ସିରିଜ୍ ଆରମ୍ଭ ହୋଇଛି । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ୱେବ୍‌ନାର ସିରିଜ୍ ପାଞ୍ଚଦିନ ଧରି ଚାଲିବ । ଗୁଗୁଲ୍ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ‘ଆଜ୍‌ତକ’ ନ୍ୟୁଜ୍ ଚ୍ୟାନେଲ୍‌ର କାର୍ଯ୍ୟକାରୀ ସମ୍ପାଦକ ତଥା ଲୋକପ୍ରିୟ ସାମ୍ବାଦିକ ରୋହିତ୍ ସର୍‌ଦନା ଯୋଗ ଦେଇଥିଲେ । ଆଗକୁ ଏହି ସିରିଜ୍‌ରେ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜାରାମ ଶତପଥୀ, ରାକେଶ ପାଠକ ଏବଂ ତଥାଗତ ଶତପଥୀଙ୍କ ଭଳି ବରିଷ୍ଠ ସାମ୍ବାଦିକମାନେ ଯୋଗଦେବେ । ଏନେଇ ଏହି ଜାତୀୟ ୱେବ୍‌ନାର ସିରିଜ୍‌ର ଆବାହକ ପ୍ରଫେସର ଧର୍ମବ୍ରତ ମହାପାତ୍ର ଏବଂ ସଂଯୋଜକ ଡ. ଦେବୀଲାଲ ମିଶ୍ର ସୂଚନା ଦେଇଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ ।

Tue, Jun 30, 2020
http://odishanewsnitidin.com